# NATIONAL NEWS BULLETIN (ODIA)

## 8 June - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆସନ୍ତାକାଲି ସନ୍ଧ୍ୟାରେ କ୍ରମାଗତ ଭାବେ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ରୂପେ ନେବେ ଶପଥ ।

– ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ନୂଆଦିଲ୍ଲୀରେ ପହଁଞ୍ଚିଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଓ ସେସେଲ୍ସର ଉପରାଷ୍ଟ୍ରପତି

- ଲୋକସଭାରେ ବିରୋଧୀ ଦଳ ନେତାଭାବେ ରାହୁଲ ଗାନ୍ଧୀ ଦାୟିତ୍ୱ ନିର୍ବାହ କରିବା ସମ୍ପର୍କିତ ଏକ ପ୍ରସ୍ତାବ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟିରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି ।

- ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା- ନିଟ୍ ୟୁଜି-୨୦୨୪ର ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଛି ବୋଲି ଏନ୍.ଟି.ଏ. କହିଛି ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆସନ୍ତାକାଲି ଭାରତ-ପାକିସ୍ତାନ ମଧ୍ୟରେ ହେବ ମୁକାବିଲା।

## ପି.ଏମ୍. - ପ୍ରେସିଡେଣ୍ଟ

ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆସନ୍ତାକାଲି କ୍ରମାଗତ ଭାବେ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ରୂପେ ଶପଥଗ୍ରହଣ କରିବେ। ଏଥିଲାଗି ରାଷ୍ଟ୍ରପତି ଭବନରେ ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଶ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଶପଥଗ୍ରହଣ ସମାରୋହରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବେ।

ପୂର୍ବରୁ ଶ୍ରୀ ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ

ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ପରେ ଶ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଏନ୍.ଡି.ଏ. ଏକ ଶକ୍ତିଶାଳୀ, ସ୍ଥିର ଏବଂ ଅଭିବୃଦ୍ଧିମୁଖୀ ସରକାର ଗଠନ କରିବ । ଆସନ୍ତାକାଲି ଶପଥଗ୍ରହଣ ସମାରୋହ ପୂର୍ବରୁ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ତାଙ୍କ ସରକାର ଦେଶର ଜନସାଧାରଣଙ୍କ ଆଶା ଓ ଅକାଂକ୍ଷା ପୂରଣ କରିବାକୁ ଚେଷ୍ଟା କରିବ। ସ୍ଥିର ସରକାର’ ଦେଶ ଏବଂ ଏହାର ଅର୍ଥନୀତି ଓ ଯୁବବର୍ଗଙ୍କ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହେବ । ଦେଶରେ ଦ୍ରୁତ ବିକାଶ ପାଇଁ ତାଙ୍କ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ଦେଶଗୁଡ଼ିକର ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଛି। ଇତିମଧ୍ୟରେ ପଡ଼ୋଶୀ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ସେସେଲ୍ସର ଉପରାଷ୍ଟ୍ରପତି ଅହମ୍ମଦ ଆଫିଫ୍ ଏହି ଶପଥଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଁଞ୍ଚିସାରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ କହିଛି, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ମାଲଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁ ମଧ୍ୟ ଏହି

ସମାରୋହରେ ଯୋଗଦେବେ । ଏମାନଙ୍କ ବ୍ୟତୀତ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ, ଭୁଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶପଥ ଗ୍ରହଣ ସମାରୋହରେ ଯୋଗଦେବା ସହ ଏହି ରାଷ୍ଟ୍ରୀୟ ନେତାଗଣ ଆସନ୍ତାକାଲି ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ଭୋଜିସଭାରେ ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଶପଥ ଗ୍ରହଣ ଉତ୍ସବ ଏବଂ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟମାନଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ସିଡବ୍ଲ୍ୟୁସି-ମିଟ୍

କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଛି । ଲୋକସଭାରେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ବିରୋଧୀ ଦଳ ନେତାଭାବେ ଦାୟିତ୍ୱ ନିର୍ବାହ କରିବା ସମ୍ପର୍କିତ ଏକ ପ୍ରସ୍ତାବ ବୈଠକରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ଦଳର ବରିଷ୍ଠ ନେତା କେ.ସି.ବେଣୁଗୋପାଲ  ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏକ ସଶକ୍ତ ତଥା ଜାଗ୍ରତ ବିରୋଧୀ ଦଳ

ଗଠନ କରିବାରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ସହାୟକ ହେବ ବୋଲି କଂଗ୍ରେସ କାର୍ଯ୍ୟକାରୀ କମିଟି  ବିଶ୍ୱାସ କରେ ।

ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି, ସମ୍ପ୍ରତି ଦେଶରେ ହୋଇଥିବା ସାଧାରଣ ନିର୍ବାଚନ କଂଗ୍ରେସ ଦଳକୁ ଅଧିକ ପ୍ରୋତ୍ସାହିତ କରିଛି । ଏଥିସହିତ ରାଜ୍ୟସ୍ତରରେ ଦଳର ନିର୍ବାଚନୀ ପ୍ରଦର୍ଶନ ସମ୍ପର୍କରେ ବିସ୍ତୃତ ଭାବେ ବିଶ୍ଳେଷଣ କରାଯିବ ବୋଲି ଶ୍ରୀ ରମେଶ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, କଂଗ୍ରେସର ଏହି ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ପ୍ରତିକୂଳ ପରିସ୍ଥିତିରେ ଦଳୀୟ ଟିକେଟ୍‌ରେ ବିଜୟୀ ହୋଇଥିବା ନବନିର୍ବାଚିତ ସାଂସଦମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ମଣିପୁରରୁ ଦଳର ନ୍ୟାୟଯାତ୍ରା ଆରମ୍ଭ କରାଯାଇଥିଲା ।   ମଣିପୁରର ଦୁଇଟିଯାକ ସଂସଦୀୟ ଆସନ କଂଗ୍ରେସ ସପକ୍ଷରେ ଯାଇଛି । ଏତଦ୍‌ବ୍ୟତୀତ ନାଗାଲାଣ୍ଡ, ଆସାମ ଓ ମେଘାଳୟରୁ ମଧ୍ୟ ଦଳୀୟ ପ୍ରାର୍ଥୀ ଅନେକ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଛନ୍ତି । ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ କଂଗ୍ରେସ ସଂସଦ ଭିତରେ ଏବଂ ବାହାରେ ଇଣ୍ଡି ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ସହ ଏକତ୍ରୀତ ଭାବେ ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି । ଏହି ବୈଠକରେ ଦଳର ବରିଷ୍ଠ ନେତା ସୋନିଆ

ଗାନ୍ଧୀ, ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

## ଇ.ସି. - ଜେ.କେ. ପୋଲ୍ସ୍

ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ ସଙ୍କେତ ସଂକ୍ରାନ୍ତ ଆବେଦନ ପତ୍ର ତୁରନ୍ତ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଶେଷ କରିବାକୁ ସୁପ୍ରିମ୍‌କୋର୍ଟ ଗତ ଡିସେମ୍ବର ମାସରେ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକୁ ନିର୍ବାଚନ ସଙ୍କେତ ପାଇଁ ଆବେଦନ କରିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ଏନ୍‌ଟିଏ-ନିଟ୍

ସ୍ନାତକ ମେଡିକାଲ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା- ନିଟ୍ ୟୁଜି-୨୦୨୪ର ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଛି ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍.ଟି.ଏ. କହିଛି। ଆଜି ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂ କହିଛନ୍ତି, ଗତ ମେ' ମାସ ୫ ତାରିଖ ଦିନ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାର ପରୀକ୍ଷାଫଳ ଗତ ୪ ତାରିଖ ଦିନ ପ୍ରକାଶ ପାଇଛି। ତେବେ ଏହି

ପରୀକ୍ଷାରେ ବିଭିନ୍ନ ଅନିୟମିତତା ହୋଇଥିବା ସମ୍ପର୍କରେ ପରୀକ୍ଷାର୍ଥୀମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗକୁ ଶ୍ରୀ ସିଂ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏହି ପରୀକ୍ଷାରେ କୌଣସି ପ୍ରକାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଘଟଣା ଏନ୍.ଟି.ଏର ହସ୍ତଗତ ହୋଇନାହିଁ।

ତେବେ ଏହି ପରୀକ୍ଷା ଲାଗି ଉଦ୍ଦିଷ୍ଟ ୪ ହଜାର ୭୫୦ଟି କେନ୍ଦ୍ର ମଧ୍ୟରୁ ଦେଶର ମାତ୍ର ୬ଟି କେନ୍ଦ୍ରର ୧୬ଶହ ପରୀକ୍ଷାର୍ଥୀଙ୍କୁ ଭୁଲ୍ ପ୍ରଶ୍ନପତ୍ର ଆବଣ୍ଟନ ଯୋଗୁଁ ସେମାନଙ୍କର ହୋଇଥିବା ସମୟ ନଷ୍ଟ ପ୍ରସଙ୍ଗରେ ଏନ୍.ଟି.ଏ. ଉଦ୍‌ବେଗ ପ୍ରକାଶ କରିବା ସହିତ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରିଛି।  ଅନ୍ୟପକ୍ଷରେ ଏହି ସମସ୍ତ ପ୍ରକ୍ରିୟା ତଥା ଏ ସମ୍ପର୍କରେ ଆସିଥିବା ବିଭିନ୍ନ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିବା ଲାଗି ଏନ୍‌ଟିଏ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କେନ୍ଦ୍ରୀୟ ଲୋକସେବା ଆୟୋଗର ଜଣେ ପୂର୍ବତନ ଅଧ୍ୟକ୍ଷ ନେତୃତ୍ୱରେ ଗଠନ କରାଯାଇଥିବା ଏହି କମିଟି ଆସନ୍ତା ୭ ଦିନ ମଧ୍ୟରେ ନିଜର ସୁପାରିସ ସହିତ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ତଦନୁଯାୟୀ ଏନ୍.ଟି.ଏ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହି ପ୍ରଭାବିତ ପରୀକ୍ଷାର୍ଥୀଙ୍କର ପରୀକ୍ଷାଫଳ ଲାଗି ନାମଲେଖା ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ଶ୍ରୀ ସିଂ ସ୍ପଷ୍ଟ କରିଛନ୍ତି।

## ପିଏମ୍-ଡେନମାର୍କ

ଡେନମାର୍କ ପ୍ରଧାନମନ୍ତ୍ରୀ ମିଟ୍ଟେ ଫ୍ରେଡେରିକସେନ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ଘଟଣାରେ ସେ ମର୍ମାହତ। ଏଥିସହିତ ସେ ଶ୍ରୀ ଫ୍ରେଡେରିକସେନ୍‌ଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି। ଗତକାଲି ସନ୍ଧ୍ୟାରେ କେନ୍ଦ୍ରୀୟ କୋପେନହାଗେନ୍‌ଠାରେ ଡେନମାର୍କର ପ୍ରଧାନମନ୍ତ୍ରୀଙ୍କ ଉପରେ ଜଣେ ଦୁର୍ବୃତ୍ତ ଆକ୍ରମଣ କରିଥିବା ସମ୍ବାଦ ପାଇବା ପରେ ଶ୍ରୀ ମୋଦୀ ଏହି ପୋଷ୍ଟ କରିଛନ୍ତି।

## ଦିଲ୍ଲୀ- ଫ୍ୟାକ୍ଟ୍ରି ଫାୟାର

ଦିଲ୍ଲୀର ନରେଲା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାରେ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ମିଳିବା ପରେ ୧୪ଟି ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବିଭାଗ କହିଛି, ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ରନ୍ଧନ ଗ୍ୟାସ ଲିକ୍ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା

ଜଣାପଡ଼ିଛି।  ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଅଗ୍ନିଶମ ବିଭାଗ ସୂଚନା ଦେଇଛି।

## ଟି-୨୦ ୱାର୍ଲଡ କପ୍

ଟି-ଟ୍ୱେଣ୍ଟି ବିଶ୍ୱକପ୍-୨୦୨୪ରେ ଆସନ୍ତାକାଲି ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟା ସମୟରେ ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ନିଜର ଅଭିଯାନ ଆରମ୍ଭ କରି ପ୍ରଥମ ମ୍ୟାଚ୍‌ରେ ଆୟରଲାଣ୍ଡକୁ ୮ ୱିକେଟ୍‌ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ବାବର ଆଜମ୍‌ଙ୍କ ନେତୃତ୍ୱରେ ପାକିସ୍ତାନ' ଆମେରିକା ବିପକ୍ଷ ମ୍ୟାଚ୍‌ରେ ହାରି ଯାଇଛି। ତେଣୁ ସୁପର-୮ ପର୍ଯ୍ୟାୟକୁ ଯିବା ଲାଗି ଆସନ୍ତାକାଲିର ମ୍ୟାଚ୍‌ଟି ପାକିସ୍ତାନ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହି ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ନ୍ୟୁଜିଲାଣ୍ଡ ବିପକ୍ଷରେ ୮୪ ରନ୍‌ରେ ବିଜୟୀ ହୋଇଛି। ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଥିଲା। ୧୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି

ନ୍ୟୁଜିଲାଣ୍ଡ ୧୫ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ' ଶ୍ରୀଲଙ୍କାକୁ ୨ ୱିକେଟ୍‌ରେ ହରାଇ ଦେଇଛି । ଟେକ୍ସାସ୍‌ର ଗ୍ରାଣ୍ଡପେରୀ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୨୪ ରନ୍ ସଂଗ୍ରହ କରିଥିଲା । ୧୨୫ ରନ୍‌ର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୧୯ ଓଭରରେ ୮ ୱିକେଟ୍ ବିନିମୟରେ ସଂଗ୍ରହ କରିନେଇଥିଲା ।